# Akashvani, Sambalpur

## SAMBALPURI NEWS BULLETIN

### 25 August 2024- 6.47- 6.52 am.

*********************************************

ଲଖ୍‌ପତି ଦିଦି ସାର୍ଟିପିକେଟ  ଆର୍‌ଏନ୍‌ୟୁ / ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ମହାରାଷ୍ଟ୍ରର୍ ଜଲ୍‌ଗାଓଁ ନୁ ଲଖ୍‌ପତି ଦିଦି ମାନ୍‌କର୍ ସାଙ୍ଗେ କଥା ହେବାର୍‌ସହେତେ ୧୧ ଲାଖ୍ ନୂଆଁ ଲଖ୍‌ପତି ଦିଦିଙ୍କୁ ସାର୍ଟିପିକେଟ୍ ଦେବେ । ଇ କାର୍ଯ୍ୟକ୍ରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ୫ ହଜାର୍ କୋଟି ଟଙ୍କାର୍ ବେଙ୍କ୍ ଋଣ ଭିଲ୍ ମଞ୍ଜୁର୍ କର୍‌ବେ । ଯେନ୍‌ଥିର୍‌ଲାଗି ୨୫ ଲାଖ୍ ୮ ହଜାର୍ ସଭ୍ୟ ଆଉ ୨ ଲାଖ୍ ୩୫ ହଜାର୍ ୪ ଶହ ସ୍ୱୟଂ ସହାୟକ ଗୋଷ୍ଠୀ ଲାଭ୍ ପାଏବେ । ୩୪ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ପ୍ରଦେଶ୍‌ର ପାଖାପାଖି ୩୦ ହଜାର୍ ଜାଗା ନ ହେବାର୍‌କେ ଥିବାର୍ କାର୍ଯ୍ୟକ୍ରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ଆଭାସୀ ଜରିଏ ଜୁଡ଼ିହେବେ । ଇଥି ଓଡ଼ିଶାର୍ ୯୭ ହଜାର୍ ୨ ଶହ ଲଖ୍‌ପତି ଦିଦିଙ୍କୁ ପ୍ରମାଣ୍‌ପତ୍ର ମିଲ୍‌ବା ବଲି ସୂଚ୍‌ନା ଦିଆଯାଇଛେ ।

ମନ୍ କି ବାତ୍           ଆର୍ଏନ୍ୟୁ/ କଟକ୍

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ସଖାଲର୍ ୧୧ ବଜେ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ବାସୀଙ୍କୁ ସମ୍ବୋଧନ୍ କର୍ବେ । ଇଟା ତାଙ୍କର୍ ଶହେ ୧୩ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।  ଇ କାର୍ଯ୍ୟକ୍ରମ୍ ଆକାଶ୍ବାଣୀ ଆଉ ଦୂର୍ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍ ପିଏମ୍ଓ ଅଫିସ୍ର ୟୁ-ଟ୍ୟୁବ୍ ଚେନାଲ୍ଥି ଭିଲ୍ ଶୁନାଯାଇପାର୍ବା । ପ୍ରଧାନ୍ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ଏକୀକୃତ ପେନ୍ସନ୍ ଯୋଜ୍ନା        ଆର୍ଏନ୍ୟୁ / ସମ୍ବଲପୁର

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତା ଗଲାକାଏଲ୍ ହେଇଥିବା କେନ୍ଦ୍ର କେବିନେଟ୍ ବୈଠକ୍ଥି ଏକୀକୃତ ପେନ୍ସନ୍ ଯୋଜ୍ନା ୟୁପିଏସ୍ କେ ମଞ୍ଜୁରୀ ମିଳିଛେ । ସୂଚ୍ନା ଅନ୍ସାରେ ୟୁପିଏସ୍ ଜରିଏ କେନ୍ଦ୍ର ସର୍କାର୍ଙ୍କର୍ ୨୩ ଲାଖ୍ କର୍ମଚାରୀ

ଉପକୃତ ହେବେ । କମ୍‌ସେକମ୍ ୨୫ ବଛର୍ କାମ୍ କରିଥିବା କର୍ମଚାରୀମାନ୍‌କୁ ନିଶ୍ଚିତ୍ ଭାବେ ପେନ୍‌ସନ୍, ପାରିବାରିକ୍ ପେନ୍‌ସନ୍ ଆର୍ ସର୍ବନିମ୍ନ ପେନ୍‌ସନ୍ ମିଲିପାର୍‌ବା । ଇ ନୂଆଁ ଯୋଜ୍‌ନା ଆଏବା ୨୦୨୫ ମସିହା ଏପ୍ରିଲ୍ ୧ ତାରିଖ୍‌ନୁ ଲାଗୁ ହେବା ଆଉ କର୍ମଚାରୀମାନ୍‌କୁ ଜାତୀୟ ପେନ୍‌ସନ୍ ଯୋଜ୍‌ନା- ଏନ୍‌ପିଏସ୍ ଆର୍ ୟୁପିଏସ୍ ଭିତ୍‌ରୁ ଗୁଟେକେ ବାଛ୍‌ବାର୍ ଲାଗି ବିକଳ୍ପ ଦିଆଯିବା ବଲି ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ ।

ମୁଖ୍ୟମନ୍ତ୍ରୀ-ଓୟୁଏଟି ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ସବୁ ୫୮ ଟା ଯାକ ସବ୍‌ଡିଭିଜନ୍ ନ କମ୍‌ସେକମ୍ ଗୁଟେ ଲେଖା ଶୀତଲ୍‌ଭଣ୍ଡାର୍ ଥାପ୍‌ନା ଲାଗି ପଦକ୍ଷେପ୍ ନିଆଯାଇଛେ ଆଉ ଆଏବା ୫ ବଛର୍ ଭିତ୍‌ରେ ରାଜ୍ୟର୍ ଫି ବ୍ଲକ୍ ନ ଶୀତଲ୍‌ଭଣ୍ଡାର୍ ଥାପ୍‌ନାର୍ ଲକ୍ଷ୍ୟ ରଖାଯାଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଗଲାକାଏଲ୍ ଓଡ଼ିଶା କୃଷି ଆଉ ବୈଷୟିକ ବିଶ୍ୱବିଦ୍ୟାଳୟ- ଓୟୁଏଟିର୍ ଥାପ୍‌ନା ଦିବସ୍ ସମାରୋହ୍‌ଥି ଯୋଗ୍ ଦେଇକରି ସେ କହିଛନ୍ ଯେ, ଆଏଜ୍ ରାଜ୍ୟ ଧାନ୍ ଉତ୍ପାଦନ୍‌ଥି ସ୍ୱାବଲମ୍ବୀ ହେଇପାରିଛେ । ହେଲେ

ଆମ୍‌କୁ ତୈଲବୀଜ, ପନିପରିବା, ମାଛ୍‌, ଅଣ୍ଡା, ଫଲ୍‌ଫୁଲ୍‌ ଉତ୍ପାଦନ୍‌ଥି ଭିଲ୍‌ ସ୍ୱାବଲମ୍ବୀ ହେବାର୍‌କେ ପଡ୍‌ବା । ଆଏବା ଦିନେ ରାଜ୍ୟର୍‌ ଆଲୁ ସମସ୍ୟାର୍‌ ସ୍ଥାୟୀ ସମାଧାନ୍‌ ହେବା । ଇ ସବୁଥିର୍‌ଲାଗି ରାଜ୍ୟ ସର୍‌କାର୍‌ ଭିନ୍‌ ଭିନ୍‌ ଯୋଜ୍‌ନା କରୁଛନ୍‌ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍‌ । ଉତ୍ସବ୍‌ଥି କୃଷି ଆଉ କୃଷକ୍‌ ସଶକ୍ତିକରଣ୍‌ ବିଭାଗ୍‌ ଦାୟିତ୍ୱଥି ଥିବା ଉପମୁଖ୍ୟମନ୍ତ୍ରୀ କନକ୍‌ ବର୍ଦ୍ଧନ୍‌ ସିଂହଦେଓ ଭିଲ୍‌ ଯୋଗ୍‌ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍‌ ଶୁଣାଣି ବନ୍ଦ୍‌ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍‌ ୫ ନମ୍ବର୍‌ ୟୁନିଟ୍‌ ନ ଥିବା ମୁଖ୍ୟମନ୍ତ୍ରୀଙ୍କର୍‌ ଅଭିଯୋଗ୍‌ ପ୍ରକୋଷ୍ଠ ନ ଆଏବା କାଏଲ୍‌ ଜନଶୁଣାଣି ବନ୍ଦ୍‌ ରହେବା । ସେଦିନ ସର୍‌କାରୀ ଛୁଟି ଦିନ୍‌ ଥିବାର୍‌ନୁ ଜନଅଭିଯୋଗ୍‌ ଶୁଣାଣି ବନ୍ଦ୍‌ ରହେବା । ଇ ବାବ୍‌ଦେ ସାଧାରଣ୍‌ ପ୍ରଶାସନ୍‌ ଆଉ ସାଧାରଣ୍‌ ଅଭିଯୋଗ୍‌ ବିଭାଗ୍‌ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବିଧାନ୍‌ସଭା- ଖର୍ଚ୍ଚ ଦାବି ଆର୍‌ଏନ୍‌ୟୁ /ସମ୍ବଲପୁର

ପୂର୍ତମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଚଲ୍ତି ୨୦୨୪-୨୫ ଆର୍ଥିକ୍ ବଛର୍ ଲାଗି ନିର୍ମାଣ୍ ବିଭାଗ୍ର ଖର୍ଚ୍ଚ ଦାବି ଉପସ୍ଥାପନ୍ ଅବ୍ସରେ ସମ୍ବଲ୍ପୁର୍ର ପର୍ଯ୍ୟଟନ୍ଭିତିକ ଅର୍ଥନୀତିଥି ଅଭିବୃଦ୍ଧି ଆଉ ସମଲେଇ ଗୁଡ଼ିର୍ ମହାନତାକେ ପାଲନ୍ କର୍ବାର୍କେ ୨୦୨୪-୨୫ ଆର୍ଥିକ୍ ବଛ୍ରେ ସମ୍ଲେଇ ଯୋଜ୍ନାଥି  ୫୦ କୋଟି ଟଙ୍କାର୍ ବ୍ୟୟବରାଦ୍ର ପ୍ରସ୍ତାବ୍ ରଖିଛନ୍ । ସୂଚ୍ନା ଅନ୍ସାରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ ଗଲାକାଏଲ୍ ବିଧାନ୍ସଭା ନ ନିର୍ମାଣ୍ ବିଭାଗ୍ର ୨୦୨୪-୨୫ ଆର୍ଥିକ୍ ବଛ୍ରେ ମୋଟ୍ ୧୧ ହଜାର୍ ଶହେ ୩୮ କୋଟି ନୁ ଅଏତ୍କା ଟଙ୍କାର୍ ଖର୍ଚ୍ଚ ଦାବି ଉପସ୍ଥାପନ୍ କରିଛନ୍ । ସେଥି ଚଲ୍ତି ବଛର୍ ରାସ୍ତା ଉନ୍ନତିକରଣ୍ କାମ୍ଥି ୫ ହଜାର୍ ୨ ଶହ ୫୫ କୋଟି ୧୨ ଲାଖ୍ ଟଙ୍କା, ଗ୍ରାମୀଣ ଭିତିଭୂମି ବିକାଶ୍ ପାଣ୍ଠିଥି ୭ ଶହ କୋଟି ଟଙ୍କା, ବାମପନ୍ଥୀ ଉଗ୍ରବାଦୀ ପ୍ରଭାବିତ୍ ଇଲାକାଥି ସଡ଼କ୍ ତିଆର୍ବାର୍କେ ୪୦ କୋଟି ଟଙ୍କାର୍ ବ୍ୟୟବରାଦ୍ ପ୍ରସ୍ତାବ୍ ରହିଛେ ।

ସୁଭଦ୍ରା ଯୋଜ୍ନା          ଆର୍ଏନ୍ୟୁ /ସମ୍ବଲପୁର

ସୁଭଦ୍ରା ଯୋଜ୍‌ନାର୍ ସାହାଜ୍ ସାମାଜିକ୍ ସୁରକ୍ଷା ଭତା ପାଉଥିବା ବିଧବା ଆର୍ ଭିନ୍ନକ୍ଷମ ମହିଲାଙ୍କର୍ ସହେତେ କଲାକାର୍ ଭତା ପାଉଥିବା ମହିଲା ଆର୍ ୨୧ ବଛର୍ କି ତାର୍‌ନୁ ଅଏତ୍‌କା ବୟସର୍ ଛାତ୍ରୀମାନେ ପାଇପାର୍‌ବେ ବଲି ମହିଲା ଆଉ ଶିଶୁବିକାଶ୍ ଆର୍ ମିଶନ୍ ଶକ୍ତି ବିଭାଗ୍ ଦାୟିତ୍ୱଥି ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ସେ କହିଛନ୍ ଯେ, ଯେନ୍ ଛାତ୍ରୀମାନ୍‌କୁ ଇ ଜୁଲାଇ ମାସ୍‌ତକ୍ ୨୧ ବଛର୍ ବୟସ୍ ହେଉଥିବା ସେମାନେ ସୁଭଦ୍ରା ଯୋଜ୍‌ନା ସହାୟତା ପାଇପାର୍‌ବେ । ଫିଁ ବଛର୍ ମାର୍ଚ୍ଚ ୮ ତାରିଖ୍‌ତକ୍ ୨୧ ବଛର୍ ହେଉଥିବା ଛାତ୍ରୀମାନ୍‌କୁ ଯୋଜ୍‌ନାର୍ ଲାଭ୍ ମିଲ୍‌ବା । ମହିଲାମାନେ ଅଙ୍ଗନବାଡ଼ି କେନ୍ଦ୍ର ଆର୍ ଜନସେବା କେନ୍ଦ୍ର ନ ଅଫ୍‌ଲାଇନ୍ ଆର୍ ଅନ୍‌ଲାଇନ୍‌ଥି ଫର୍ମ ଭରିକରି ସୁଭଦ୍ରା ଯୋଜ୍‌ନାର୍ ଲାଗି ଆବେଦନ୍ କରିପାର୍‌ବେ । ଆଏବା ମାସର୍ ୧୭ ତାରିଖ୍ ପହେଲା ଖେପେ ୪୦ ଲାଖ୍ ମହିଲାଙ୍କୁ ଇ ସାହାଜ୍ ମିଲ୍‌ବା ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ଉତର୍ ବଙ୍ଗୋପ୍‌ସାଗର୍ ନ ସୃଷ୍ଟି ହେଇଥିବା ଘୂର୍ଣ୍ଣିବଲୟର୍ ପ୍ରଭାବ୍‌ଥି ଆଏଜ୍‌ଠାନୁ ରାଏଜେ ବର୍ଷା ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ । ସୂଚ୍‌ନା ଅନ୍‌ସାରେ ଆଏବାକାଏଲ୍ ସଖାଲ୍‌ତକ୍ ପଶ୍ଚିମ ଓଡ଼ିଶାର୍ ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍ ଜିଲ୍ଲା ସହେତେ ରାଜ୍ୟର୍ ୧୨ ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ବନିହାଁ ବର୍ଷା ହେବାର୍ ସମ୍ଭାବନା ରହିଛେ । ଇଥିର୍‌ଲାଗି ପାଣିପାଗ୍ ବିଭାଗ୍ ତର୍‌ଫୁ ଇ ଜିଲ୍ଲାମାନ୍‌କେ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛେ ।

ଗ୍ରାମ୍ୟ ଉନ୍ନୟନ୍ ମନ୍ତ୍ରୀ-ରାସ୍ତା ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟ ଗ୍ରାମ୍ୟ ଉନ୍ନୟନ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ ବିଧାନ୍‌ସଭା ନ ବିଭାଗ୍‌ର ବ୍ୟୟବରାଦ୍ ଉପସ୍ଥାପନ୍ କର୍‌ବାର୍ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଜନଜାତି ନ୍ୟାୟ ମହାଅଭିଯାନ୍‌ଥି ରାଜ୍ୟର୍ ଶହେ ନୁ ଅଏତ୍‌କା ଜନସଂଖ୍ୟା ଥିବାର୍ ଗାଁମାନ୍‌କର୍ ପଡ଼ାକେ ଭିଲ୍ ସବୁଦିନିଆ ରାସ୍ତା କରାଯିବା ବଲି କହିଛନ୍ । ଇତାର୍‌ସଙ୍ଗେ ଗାଁ ଇଲାକାକେ ସଡ଼କ୍ ସଂଯୋଗ୍ ଲାଗି ୫ ଶହ ଟା ନୂଆଁ ସେତୁ ତିଆର୍ କରାଯିବା ବଲି ମନ୍ତ୍ରୀ ଶ୍ରୀ ନାଏକ୍ ସୂଚ୍‌ନା ଦେଇଛନ୍ ।